# Akashvani, Sambalpur

## SAMBALPURI NEWS EVENING BULLETIN

## 30 September 2025- 7.02 pm- 7.12 pm.

*******************************************

୧- ପ୍ରଧାନ୍‌ମନ୍ତ୍ରୀ ଆଏବା କାଏଲ୍ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର୍ ଶତବାର୍ଷିକୀ ସମାରୋହକେ କର୍‌ବେ ସମ୍ବୋଧନ୍ ।

୨- ରାଏଜେ ହାତୀ ମାନ୍‌କର୍ ସୁରକ୍ଷାର୍ ଲାଗି ଦୀର୍ଘକାଲୀନ୍ ଯୋଜ୍‌ନା ସାଙ୍ଗେ ତିଆର୍ କରାଯିବା ବାସସ୍ଥଲୀ- କହେଲେ ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ।

୩- ଜଗତ୍‌ଜନନୀ ମା ଦୁର୍ଗାଙ୍କର୍ ପୂଜାର୍ ଲାଗି ରାଜ୍ୟର୍ ଗାଁ ସହର୍ ସବୁନୁ ଲାଗିଛେ ଗହକି ।

- ଆଏଜ୍ ଶକ୍ତିପୀଠମାନ୍‌କେ ନଅମୀ ଆର୍ ମଣ୍ଡପ୍‌ଥି ହେଉଛେ ଅଷ୍ଟମୀ ପୂଜା ।

- ଭବାନୀପାଟ୍‌ନା ନ ହେଲା କଲାହାଣ୍ଡି ଜିଲ୍ଲାର୍ ଅଧିଷ୍ଠାତ୍ରୀ ଦେବୀ ମା ମାଣିକେଶ୍ୱରୀଙ୍କର୍ ବିଜୟ ଛତର୍ ଯାତ୍ରା ।

ଆଉର୍

୪- ଅନୁବାଦକ୍ ମାନ୍‌କର୍ କାମ୍‌କେ ଗୁରୁତ୍ୱ ଦେଇକରି ଆଏଜ୍ ପାଳନ୍ କରାଯାଉଛେ ଅନ୍ତର୍ଜାତୀୟ ଅନୁବାଦକ୍ ଦିବସ୍ ।

ପ୍ରଧାନ୍‌ମନ୍ତ୍ରୀ- ଆର୍‌ଏସ୍‌ଏସ୍          ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ- ଆର୍‌ଏସ୍‌ଏସ୍‌ର ଶତବାର୍ଷିକୀ ସମାରୋହଥି ଯୋଗ୍ ଦେବେ । ଦିଲ୍ଲୀର୍ ଆମ୍ବେଦ୍‌କର୍ ଅନ୍ତର୍ଜାତୀୟ କେନ୍ଦ୍ର ନ ଆୟୋଜିତ୍ ସମାରୋହଥି ପ୍ରଧାନ୍‌ମନ୍ତ୍ରୀ ସମାବେଶ୍‌କେ ସମ୍ବୋଧିତ୍ କର୍‌ବେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଦେଶ୍ ଲାଗି ଆର୍‌ଏସ୍‌ଏସ୍‌ର ଅବଦାନ୍‌କେ ଦର୍ଶେଇକରି ଖାସ୍ କରି ତିଆର୍ କରାଯାଇଥିବା ସ୍ମାରକୀ ଡାକଟିକଟ୍ ଆଉ ମୁଦ୍ରାକେ ଉନ୍ମୋଚନ୍ କର୍‌ବେ ବଲି ପ୍ରଧାନ୍‌ମନ୍ତ୍ରୀଙ୍କର୍ କାର୍ଯ୍ୟାଳୟ ତର୍‌ଫୁ କୁହାଯାଇଛେ ।

ଡାକସେବା          ଆର୍‌ଏନ୍‌ୟୁ/ କଟକ୍

ଦେଶର୍ ସବୁ ଗ୍ରାହକ୍‌ମାନ୍‌କର୍ ଲାଗି ଡାକସେବାକେ ତୁର୍‌ତି, ନିର୍ଭରଯୋଗ୍ୟ ଆଉ ଲୋକାଭିମୁଖୀ କର୍‌ବାର୍ ଲକ୍ଷ୍ୟଥି ଭାରତୀୟ ଡାକ ବିଭାଗ୍ ତର୍‌ଫୁ ଡାକ୍‌ସେବାଥି ନୂଆଁ ବ୍ୟବସ୍ଥା କରାଯାଇଛେ । ଓଟିପି ଆଧାରିତ୍ ସୁରକ୍ଷିତ୍ ବାଂଟ୍‌ବାର୍ ବ୍ୟବସ୍ଥା, ଅନ୍‌ଲାଇନ୍ ପେମେଂଟ୍, ଏସ୍‌ଏମ୍‌ଏସ୍ ଆଧାରିତ୍ ବିଜ୍ଞପ୍ତି, ସୁବିଧାଜନକ୍ ଅନ୍‌ଲାଇନ୍ ବୁକିଂ, ଠିକ୍ ସମିଆଥି ଅପ୍‌ଡେଟ୍ ଆଉ ପଞ୍ଜିକରଣ୍ ସୁବିଧାର୍ ବ୍ୟବସ୍ଥା

କରାଯାଇଛେ । ଇ ସବୁ ବ୍ୟବସ୍ଥା ଆଏବା କାଏଲ୍‌ନୁ କାର୍ଯ୍ୟକାରୀ ହେବା । ଛାତ୍ରଛାତ୍ରୀମାନ୍‌କର୍ ଲାଗି ସ୍ପିଡ୍ ପୋଷ୍ଟ୍ ଜରିଏ ଆବେଦନ୍ ପତ୍ର ପଠାବାର୍ ଉପ୍‌ରେ ଲାଗୁ କରାଯାଇଥିବା ସଂଶୋଧିତ ଶୁଳ୍କଥି ୧୦ ପ୍ରତିଶତ୍ ରିହାତି ଘୋଷ୍‌ନା କରାଯାଇଛେ ।

ହୋମ୍ ଷ୍ଟେ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ହୋମ୍ ଷ୍ଟେ ପ୍ରତିଷ୍ଠା ଯୋଜ୍‌ନା ୫ ବଛର୍ ଲାଗି ରାଏଜେ କାର୍ଯ୍ୟକାରୀ ହେବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଗାଁ ଇଲାକା ନ ଥିବା ଜାଗା ମାନ୍‌କେ ହୋମ୍ ଷ୍ଟେ ଘର୍ ମାନ୍‌କୁ ତହଁକାଯିବା । ପର୍ଯ୍ୟଟନ୍‌ଥି ସମ୍ପ୍ରଦାୟର୍ ଭାଗିଦାରୀକେ ତହଁକାବାର୍ ସହେତେ ସ୍ଥାନୀୟ ଇଲାକା ନ ନିଯୁକ୍ତି ସୁଯୋଗ୍ ସୃଷ୍ଟି ଆଉ ପର୍ଯ୍ୟଟକ୍‌ମାନ୍‌କୁ ପ୍ରାମାଣିକ୍, ସାଂସ୍କୃତିକ୍ ଆଉ ଗ୍ରାମୀଣ୍ ଅଭିଜ୍ଞତା ଦେବାର୍‌ଟା ଇ ଯୋଜ୍‌ନାର୍ ମୁଖ୍ୟ ଲକ୍ଷ୍ୟ ଆଏ ବଲି ଶ୍ରୀମତୀ ପରିଡ଼ା କହିଛନ୍ । ଅଧିସୂଚିତ ଗ୍ରାମ୍ ପଂଚାୟତ୍ ନ ନୂଆଁ ଗୃହ ନିବାସ୍ ୟୁନିଟ୍ ଥାପ୍‌ନା କର୍‌ବାର୍ ଲାଗି ଯୋଗ୍ୟ ହିତାଧିକାରୀମାନ୍‌କୁ ଆର୍ଥିକ୍ ପ୍ରୋତ୍ସାହନ୍ ଦିଆଯିବା । ଯୋଜ୍‌ନା ଅଧୀନ୍‌ଥି ପାଖାପାଖି ୪ ଶହ ୫୦ ନୂଆଁ ଗୃହ ନିବାସ୍ ୧୮ ଶହ ଶଯ୍ୟା ଲାଗି ପ୍ରସ୍ତୁତି ଚାଲିଛେ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ପରିବେଶ୍ ମନ୍ତ୍ରୀ-ହାତୀ ସୁରକ୍ଷା ହି.ସ.

ରାଏଜେ ହାତୀମାନ୍‌କର୍ ସୁରକ୍ଷା ଲାଗି ଦୀର୍ଘକାଳୀନ ଯୋଜ୍‌ନା ସହେତେ ସେମାନ୍‌କର୍ ଲାଗି ବାସସ୍ଥଲୀ ତିଆର୍ କର୍‌ବାର୍‌କେ ସର୍‌କାର୍ ଲକ୍ଷ୍ୟ ରଖିଛନ୍ ବଲି ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ କହିଛନ୍ । ରାଜ୍ୟର୍ ୩୩ ଭାଗ୍ ଜଙ୍ଗଲ୍ ନ ଇହାଦେ ୨ ହଜାର୍‌ନୁ ଅଏତ୍‌କା ହାତୀ ଅଛନ୍ । ସେଥିର୍‌ଭିତ୍‌ରୁ ୧୮ ଶହ ହାତୀଙ୍କର୍ ଲାଗି ବାସସ୍ଥଲୀ ଅଛେ । ବାକି ୩ ଶହ ନୁ ୫ ଶହ ହାତୀଙ୍କର୍ ଲାଗି ଉପଯୁକ୍ତ ବାସସ୍ଥଲୀ ତିଆର୍ କର୍‌ବାର୍ ଆଉ ଋତୁ ଅନ୍‌ସାରେ ସେମାନ୍‌କୁ ଖାଏବାର୍ ଦରବ୍ ଯୁଗେଇ ଦେବାର୍ ଲାଗି ପଣସ୍, ଆମ୍, ବାଉଁଶ୍ ଆର୍ ଧାନ୍ ଚାଷ୍ କରାଯିବା ବଲି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍ ।

ଏସ୍‌ଆଇ ପରୀକ୍ଷା ସ୍ଥଗିତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୫ ଆଉ ୬ ତାରିଖ୍ ହେବାର୍‌କେ ଥିବା ପୁଲିସ୍ ସବ୍ ଇନ୍‌ସ୍ପେକ୍ଟର୍ ଲିଖିତ୍ ପରୀକ୍ଷାକେ ସ୍ଥଗିତ୍ ରଖାଯାଇଛେ । ଇ ବାବ୍‌ଦେ ଓଡ଼ିଶା ପୁଲିସ୍ କର୍ମଚାରୀ

ନିଯୁକ୍ତି ପରିଷଦ୍‌ର ଅଧ୍ୟକ୍ଷଙ୍କର୍ ତର୍‌ଫୁ ସୂଚ୍‌ନା ମିଲିଛେ । ସାନି ପରୀକ୍ଷା ତାରିଖ୍ ଖୋବ୍ ଜଲ୍‌ଦି ଘୋଷ୍‌ନା କରାଯିବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ । ଇତାର୍ ଆଘୋନୁ ଶିକ୍ଷାର୍ଥୀମାନ୍‌କର୍ ଲାଗି ହେଲ୍ପଲାଇନ୍ ନମ୍ବର୍ ୯୦୪୦-୪୯୩-୨୨୩ ଜାରି କରାଯାଇଥିଲା । ଅପ୍ରତ୍ୟାଶିତ କାରଣ୍‌କେ ନଜର୍‌ଥି ରଖିକରି ପରୀକ୍ଷାକେ ବାତିଲ୍ କରାଯାଇଛେ ।

ଦୁର୍ଗାପୂଜା ଆର୍‌ଏନ୍‌ୟୁ / ସମ୍ବଲପୁର/ ସୋନ୍‌ପୁର୍/ ନୂଆପଡ଼ା

ଜଗତ୍‌ଜନନୀ ମା ଦୁର୍ଗାଙ୍କର୍ ପୂଜାର୍ ଲାଗି ରାଜ୍ୟର୍ ଗାଁ ସହର୍ ସବୁନ ଗହକି ଲାଗିଛେ । ଶକ୍ତିପୀଠ ମାନ୍‌କେ ଆଏଜ୍ ନଅମୀ ପୂଜା ଚାଲିଥିବାର ବେଲେ ପୂଜାମଣ୍ଡପ୍‌ମାନ୍‌କୁ ଦେବୀଙ୍କର୍ ଅଷ୍ଟମୀ ପୂଜା କରାଯାଉଛେ । ମନ୍ଦିର୍ ଆର୍ ପୂଜା ମଣ୍ଡପ୍ ମାନ୍ ସୁନ୍ଦର୍ ସାଜ୍‌ସଜା ଆର୍ ଆଲୋକମାଳାଥି ଝଲ୍‌ସୁଛେ ।

ଇ ଅବ୍‌ସରେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ ।

ଦଶ୍‌ରା ମାସର୍ ଉଜଲ୍ ପଖର୍ ପ୍ରତିପଦା ତିଥିନୁ ମୁଲ୍ ହେଇଛେ ଜଗତ୍‌ଜନନୀ ମା’ ଦୁର୍ଗାଙ୍କର୍ ନବରାତ୍ର ପୂଜା । ଆଏଜ୍

ରାଜ୍ୟର୍ ଭିନ୍ ଭିନ୍ ଶକ୍ତିପୀଠମାନ୍‌କୁ ମା’ଙ୍କୁ ସିଦ୍ଧିଦାତ୍ରୀ ବେଶ ନ ସଜାଯାଇକରି ପୂଜା କରାଯାଉଛେ ।

ସମ୍ବଲ୍‌ପୁର୍ ନ ମା’ ସମଲେଇ ସିଦ୍ଧିଦାତ୍ରୀ ଭାବେ ପୂଜା ପାଉଛନ୍ । ଗଲାକାଏଲ୍ ଦେବୀଙ୍କର୍ ଖଣ୍ଡାଧୁଆ ବିଧି ହେଇଥିବାର୍ ବେଲେ ମନ୍ଦିର୍‌ଥି ଭାଏଜିଉଁତିଆ ଉପାସୀମାନ୍‌କର୍ ଭିଡ୍ ଜମିଥିଲା । ଇତାର୍‌ସଙ୍ଗେ ମା’ଙ୍କର୍ ଷୁଲ୍‌ହ ପୂଜାଥି ସାମିଲ୍ ହେବାର୍‌କେ ଫି ଦିନ ମନ୍ଦିର୍ ନ ଭକ୍ତମାନ୍‌କର୍ ଭିଡ୍ ହେଉଛେ ।

ସୁବର୍ଣ୍ଣପୁର୍‌ର ଲୋକଦେବୀ ସୁରେଶ୍ୱରୀଙ୍କର୍ ସହେତେ ଖମ୍ବେଶ୍ୱରୀ, ସମଲେଇ, ରାମଚଣ୍ଡୀ, କୋଶଳେଶ୍ୱରୀ, ଚର୍‌ଦେଶ୍ୱରୀଙ୍କର୍ ମନ୍ଦିର୍ ନ ଦେବୀମାନେ ସିଦ୍ଧିଦାତ୍ରୀ ବେଶଥି ଭକ୍ତମାନ୍‌କୁ ଦର୍ଶନ୍ ଦେଉଛନ୍ । ବୀର୍‌ମହାରାଜ୍‌ପୁର୍ ବିନ୍‌କା ଆର୍ ତର୍‌ଭା ଇଲାକାର୍ ମାହେଶ୍ୱରୀ ପୀଠମାନ୍‌କୁ ଷୁଲହପୂଜା ଚାଲିଥିବାର୍ ବେଲେ ଷୁଲହ ଭର୍‌ନୀ ବଜାଥି ଦେବୀପୀଠମାନ୍ ଦୁଲ୍‌କୁଛେ ।

ନୂଆପଡ଼ା ଜିଲ୍ଲାର୍ ଖଡ଼ିଆଲ୍‌ର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଇ ଆର୍ ଗଡ଼ରକ୍ଷକ୍ ଦେବୀ ମା’ ରକ୍ତାମ୍ବରୀଙ୍କୁ ୩୨ ବଜା ପାର୍‌ଥି ଆଲ୍‌ତୀ କରାଯାଇଛେ । ନୂଆପଡ଼ା, ଖରିଆର୍, କୋମ୍‌ନା, ସିନାପାଲି ସହେତେ ସବୁଆଡ଼େ ଶକ୍ତିପୀଠ ଆର୍ ପୂଜାମଣ୍ଡପ୍‌ମାନ୍‌କୁ ଦେବୀଙ୍କର୍ ଆରାଧନା ଚାଲିଛେ । ଭାଏଜିଉଁତିଆର୍ ଲାଗି ଜାଗା ଜାଗା ଡାଲ୍‌ଖାଇ ଭିଲ୍ ହେଉଛେ ।

କଲାହାଣ୍ଡି-ବିଜୟ ଛତର୍ ଯାତ୍ରା		କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲାର୍ ଅଧିଷ୍ଠାତ୍ରୀ ଦେବୀ ମା ମାଣିକେଶ୍ୱରୀଙ୍କର୍ ବିଜୟ ଛତର୍ ଯାତ୍ରା ଆଏଜ୍ ହେଇଯାଇଛେ । ଫି ବଛର୍ ବାଗିର୍ ଗଲାକାଏଲ୍ ମହାଷ୍ଟମୀ ଅଧିରାତିଥି ମନ୍ଦିର୍ ନ ଦେବୀଙ୍କର୍ ଖାସ୍ ପୂଜାପାଠ୍ କରାଯିବାର୍ ଉତ୍‌ରୁ ବିଜୟ ପ୍ରତିମାର୍ ଛତରଙ୍କୁ ସହର୍ ପାଖର୍ ଉତର୍ ପଶ୍ଚିମ ଦିଗେ ମନ୍ଦିର୍‌ଠାନୁ ପାଖାପାଖି ୩ କିଲୋମିଟର୍ ଦୂରିଆ ନ ଥିବାର୍ ଜେନାଖାଲ୍‌କେ ନିଆଯାଇଥିଲା । ସେନେ ଗୁପ୍ତ ପୂଜା ଉତ୍‌ରୁ ଆଏଜ୍ ପହପହନୁ ଦେବୀଙ୍କର୍ ଛତର୍‌ଙ୍କର୍ ପ୍ରତ୍ୟାବର୍ତନ୍ ଯାତ୍ରା ମୁଲ୍ ହେଇଥିଲା । ମା ମାଣିକେଶ୍ୱରୀଙ୍କର୍ ଛତର୍ ଯାତ୍ରା ବାବ୍‌ଦେ ଆମର୍ କଲାହାଣ୍ଡି ସମ୍ବାଦଦାତା ସୁନୀଲ୍ ପାଢ଼ୀଙ୍କର୍ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍)

ସେବା ପର୍ବ-ରେଲବାଇ ବିକାଶ		ଏନ୍‌ଏସ୍‌ଡି

(ସେବା ପର୍ବ ଏସ୍.ଟି)

କେନ୍ଦ୍ର ସର୍କାର୍ 'ସେବା ଆଉ ସୁଶାସନ୍' ଆର୍ 'ଜନସେବା ଆଉ ସୁଶାସନ୍' ମନ୍ତ୍ରଥି ପରିଚାଲିତ୍ ହେଇକରି ସାଧାରଣ୍ ଲୁକ୍କର୍ କଲ୍ୟାଣ୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନେଉଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ସର୍କାର୍ - ପରିବର୍ତନ୍ ଆଉ ପ୍ରଗତିର୍ ଶାସନ୍ ବ୍ୟବସ୍ଥା ଆନ୍‌ବାର୍ ଲାଗି ସବୁବେଲେ ଚେରେଷ୍ଟା କରୁଛନ୍ । ଆମର୍ ଖାସ୍ ଧାରାବାହିକ୍ ସେବା ପର୍ବଥି ଆଏଜ୍ ଜାନ୍‌ମା କେନ୍ଦ୍ର ସର୍କାର୍ ଜାତୀୟ ଶିକ୍ଷାନୀତି -୨୦୨୦ ଜରିଏ ଭାରତ୍ ଲାଗି ଗୁଟେ ଆଧୁନିକ୍, ସମାବେଶୀ ଆଉ ଭବିଷ୍ୟତ୍ ଲାଗି ତିଆର୍ କରିଥିବା ବର୍‌କସ୍ ଶିକ୍ଷା ବ୍ୟବସ୍ଥା ବାବ୍‌ଦେ...

(ଭଏସ୍ ଓଭର୍- ସୁପ୍ରିତୀ ମିଶ୍ର)

*ଶିକ୍ଷାର୍ ନିହି ଉପ୍‌ରେ ରାଷ୍ଟ୍ରର୍ ଭବିଷ୍ୟତ୍ ନିର୍ଭର୍ କର୍‌ସି । ଯେନ୍‌ଟା ଆଏବା ପିଢ଼ିର୍ ଭାଗ୍ୟକେ ବନାସି । ପ୍ରଧାନ୍‌ମନ୍ତ୍ରୀଙ୍କର୍ ନେତୃତ୍ୱଥି ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ କରାଯାଇଥିଲା । ଇ ନୀତି ଭାରତ୍‌ର ଶିକ୍ଷା ବ୍ୟବସ୍ଥାକେ ପୁନରୁଦ୍ଧାର୍ କର୍‌ବାର୍ ସହେତେ ଏକବିଂଶ ଶତାବ୍ଦୀର୍ ଚାହିଦାକେ ପୁରା କର୍‌ବାର୍ ଲକ୍ଷ୍ୟଥି କାର୍ଯ୍ୟକାରୀ କରାଯାଇଛେ । ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଜାତୀୟ ଶିକ୍ଷାନୀତି ଉପ୍‌ରେ ଉଦ୍‌ବୋଧନ୍ ଦେଇକରି କହିଛନ୍,*

*(ଭଏସ୍ ଓଭର-ପ୍ରଧାନମନ୍ତ୍ରୀ)*

*ଜାତୀୟ ଶିକ୍ଷାନୀତି -୨୦୨୦ ବିଦ୍ୟାଳୟ ଆଉ ଉଚ୍ଚଶିକ୍ଷାଥି ବୃତିଗତ ଆଉ ବ୍ୟବହାରିକ୍ ଦକ୍ଷତାକେ ସାମିଲ୍ କରିକରି ଶିକ୍ଷାକେ ବିକାଶ୍‌ର ମୁଖିଆ ଧାରା ସାଙ୍ଗେ ଜୁଡ଼୍‌ବାର୍*

*ଉପରେ ଜୋର୍ ଦଉଛେ । ଜାତୀୟ ଶିକ୍ଷାନୀତିଥି ମୁଲ୍ ସାକ୍ଷରତା ଆଉ ସଂଖ୍ୟାଜ୍ଞାନ୍‌କେ ଗୁରୁତ୍ୱ ଦିଆଯାଇଛେ । ବିଦ୍ୟାଳୟମାନ୍‌କେ ଶୈକ୍ଷିକ ଧାରା ପାଠ୍ୟକ୍ରମ୍ ଆଉ ବୃତିଗତ ଧାରା ଥି ଆସୁଥିବା ବାଧା ମାନ୍‌କେ ଦୂର୍ କରାଯାଇଛେ । ଗଲା ୫ ବଛର୍ ଭିତ୍‌ରେ ଜାତୀୟ ଶିକ୍ଷାନୀତିଥି ଭାରତ୍ ଗୁଟେ ସମାବେଶୀ, ଶିକ୍ଷାର୍ଥୀ କୈନ୍ଦ୍ରିକ ଆଉ ଭବିଷ୍ୟତ୍ ଲାଗି ତିଆର୍ ହେଇଥିବା ଶିକ୍ଷା ବ୍ୟବସ୍ଥାର୍ ନିହି ପକେଇଛେ । ନିରନ୍ତର୍ ପ୍ରତିବଦ୍ଧତା ଆଉ ସହଯୋଗ୍ ସହେତେ ଜାତୀୟ ଶିକ୍ଷାନୀତି ଖାଲି ଜ୍ଞାନ୍ ଦେବାର୍ ଗୁଟେ ଜରିଆ ନୁହେଁ, ସବୁ ପିଲାକର୍ ଭିତ୍‌ରେ ଆତ୍ମବିଶ୍ୱାସ୍, ଦକ୍ଷତା ଆଉ କୌଶଲ୍‌କେ ଫୁଟେଇ ପାରୁଛେ ।*

*ଆକାଶବାଣୀ ସମ୍ବଲପୁର ସମ୍ବାଦବିଭାଗ୍ ତରଫୁ ସୁପ୍ରୀତି ମିଶ୍ର ।*

*(ସେବା ପର୍ବ ଏସ୍.ଟି)*

ଆନ୍ତର୍ଜାତିକ ଅନୁବାଦ୍ ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଆନ୍ତର୍ଜାତିକ ଅନୁବାଦ୍ ଦିବସ୍ । ଅନୁବାଦକ ଆଉ ଭାଷାବିତ୍ ମାନ୍‌କର୍ ଅମୂଲ୍ୟ ଯୋଗଦାନ୍ ଲାଗି ଫି ବଛର୍ ସେପ୍ଟେମ୍ବର୍ ୩୦ ତାରିଖ୍‌କେ ଅନୁବାଦ୍ ଦିବସ୍ ଭାବେ ପାଳନ୍ କରାଯାଏସି । ପୁରଥି ନ ୬ ହଜାର୍ ୫ ଶହ ନୁ ଅଏତ୍‌କା କଥିତ ଭାଷା ରହିଛେ । ଯେନ୍‌ଥିର୍ ପ୍ରତିବନ୍ଧକ୍‌କେ

ଦୂର୍ କର୍ବାର୍ ଲାଗି ଅନୁବାଦକ୍ ମାନେ ସାହାଜ୍ କରସନ୍ । ଇ ବଛ୍ରର୍ ଅନୁବାଦ୍ ଦିବସ୍‌ର ବାର୍ତା ହେଉଛେ ‘ଅନୁବାଦ୍- ଗୁଟେ ଏନ୍ତା ଭବିଷ୍ୟତ୍ ବନାବା ଯାହାର୍ ଉପ୍‌ରେ ଆମେ ଭର୍ସା ରଖିପାର୍‌ମା’ ।

ଅବସର ଗ୍ରହଣ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆକାଶ୍‌ବାଣୀ ସମ୍ବଲ୍‌ପୁର୍ କେନ୍ଦ୍ରର ଅଭିଯାନ୍ତ୍ରିକ ସହାୟକ ସଞ୍ଜୟ ସର୍କାର୍ ଆଉ ମୋଟର୍ ଡ୍ରାଇଭର୍ ମହାଦେବ ଜାଗ୍‌ରିଆ ଆଏଜ୍ ଚାକିରୀନୁ ଅବସର ନେଇଛନ୍ । ଆଉ ଅଭିଯାନ୍ତ୍ରିକ ସହାୟକ କାଶିଫ୍ ଜମିଲ୍‌ଙ୍କର୍ କେନ୍ଦ୍ରନୁ ବଦ୍‌ଲି ନେଇଥିବାର୍‌ନୁ ସମ୍‌କୁ କେନ୍ଦ୍ର ତର୍‌ଫୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛେ । ଇ ଅବ୍‌ସରେ ଆକାଶ୍‌ବାଣୀ ରିକ୍ରିଏସନ୍ କ୍ଲବ୍ ତର୍‌ଫୁ ହେଇଥିବା ବିଦାୟ କାଲୀନ୍ ସଭାଥି କେନ୍ଦ୍ରର୍ ଅଭିଯାନ୍ତ୍ରିକ ନିର୍ଦ୍ଦେଶକ ସନ୍ତୋଷ୍ କୁମାର୍ ପ୍ରଧାନ୍ ସଭାପତିତ୍ୱ କରିଥିବାର୍ ବେଲେ କାର୍ଯ୍ୟକ୍ରମ ମୁଖ୍ୟ ମନୀଷ ଭଟ୍ଟାଚାର୍ଯୀ ଆର୍ ସହାୟକ ନିର୍ଦ୍ଦେଶକ ଅଭିଯାନ୍ତ୍ରିକି ସୁବୋଧ୍ କୁମାର୍ ପାଲ୍ ଉପସ୍ଥିତ୍ ଥିଲେ । କ୍ଲବ୍‌ର ସମ୍ପାଦକ କ୍ଷେତ୍ରମଣି ବିଭାର୍ ସଭାକାର୍ଯ୍ୟ ପରିଚାଲନା କରିଥିଲେ । କେନ୍ଦ୍ରର୍ ଅଧିକାରୀ ଆଉ କର୍ମଚାରୀମାନେ ବିଦାୟ ନେଇଥିବା କର୍ମଚାରୀମାନ୍‌କର୍ ଦୀର୍ଘଜୀବନ୍ କାମ୍‌ନା କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ଆଣ୍ଡାମାନ୍ ସାଗର୍ ନ ଆଏଜ୍ ଗୁଟେ ଘୂର୍ଣ୍ଣିବଳୟ ହେବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ଆଏବା କାଏଲ୍‌ତକ୍ ଉତର୍ ଆଉ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ ଲଘୁଚାପ୍ କ୍ଷେତ୍ର ବନ୍‌ବାର୍ ସମ୍ଭାବନା ଅଛେ ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ଘଡ଼ଘଡ଼ି ସଙ୍ଗେ ବର୍ଷା ହେଇପାରେ ବଲି ୨୬ ଟା ଜିଲ୍ଲାକେ ଭୁବନେଶ୍ୱର ଆଂଚଲିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ଆଉ ଗୁଟେ ଗେଟ୍ ଖୁଲାଯାଇଛେ । ଇହାଦେ ୧୦ ଟା ଗେଟ୍ ଦେଇକରି ଜଲ୍‌ଭଣ୍ଡାର୍‌ନୁ ବଏଢ଼୍ ପାଏନ୍ ଛଡ଼ାଯାଉଛେ ।